# Akashvani, Sambalpur

## SAMBALPURI NEWS BULLETIN

### 9 May 2025- 6.47- 6.52 am.

*********************************************

ସେନାଘାଟିକେ ପାକିସ୍ତାନ୍‌ର ଟାର୍‌ଗେଟ୍ ଏନ୍‌ଏସ୍‌ଡି

ଜମ୍ମୁ କାଶ୍ମୀର୍‌ର ଅନ୍ତର୍ଜାତୀୟ ସୀମାରେଖା ପାଖାପାଖି ଇଲାକାର୍ ଜମ୍ମୁ, ପଠାନ୍‌କୋଟ୍ ଆର୍ ଉଧମ୍‌ପୁର୍ ନ ଥିବା ସେନା ଘାଟିକେ ପାକିସ୍ତାନୀ ଡ୍ରୋନ୍ ଆର୍ କ୍ଷେପଣାସ୍ତ୍ର ଜରିଏ ଗଲାରାତି ଟାର୍‌ଗେଟ୍ କରାଯାଇଥିଲା । ହେଲେ ଭାରତୀୟ ସେନା ତାର୍ କଡ଼ା ଜବାବ୍ ଦେଇକରି ସବୁ ଡ୍ରୋନ୍ ଆଉ କ୍ଷେପଣାସ୍ତ୍ରକେ ନଷ୍ଟ କରିଦେଇଛେ ବଲି ପ୍ରତିରକ୍ଷା ମନ୍ତ୍ରଣାଳୟ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଇଥି ଧନ୍‌ଜୀବନ୍‌ର କିଛି ନୁକ୍‌ସାନ୍ ନାଇଁହେଇ । ନିଜର୍ ଦେଶ୍ ଆର୍ ଦେଶ୍‌ବାସୀଙ୍କର୍ ସୁରକ୍ଷା ଲାଗି ଭାରତ୍ ପୁରା ତୟାର୍ ଅଛେ ବଲି ମନ୍ତ୍ରଣାଳୟ ତର୍‌ଫୁ କୁହାଯାଇଛେ ।

ଆତଙ୍କବାଦ୍ ବିରୋଧଥି ଭାରତ୍‌ର କାର୍ଯ୍ୟାନୁଷ୍ଠାନ୍‌କେ ନେଇକରି ବୈଦେଶିକ୍ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର୍ ଭିନ୍ ଭିନ୍ ଦେଶର୍ ପ୍ରତିନିଧି ମାନ୍‌କୁ ଅବଗତ କରେଇଛନ୍ ।

ଜିତେନ୍ଦ୍ର ସିଂ-ଜମ୍ମୁ କାଶ୍ମୀର୍ ସମୀକ୍ଷା          ପି.ଆଇ.ବି.

ଜମ୍ମୁ କାଶ୍ମୀର୍‌ନୁ ଏଛେନ୍ ଦେଖାଦେଇଥିବା ଥିତିକେ ନେଇକରି  କେନ୍ଦ୍ର ସାଧାରଣ୍ ପ୍ରଶାସନ୍ ମନ୍ତ୍ରଣାଳୟ ରାଷ୍ଟ୍ରମନ୍ତ୍ରୀ ଡକ୍ଟର୍ ଜିତେନ୍ଦ୍ର ସିଂ ଜମ୍ମୁ ଡିଭିଜନ୍‌ର ପ୍ରଶାସନିକ ଅଧିକାରୀ ଆଉ ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ୍ ମାନ୍‌କର୍ ସଙ୍ଗେ ଆଲୋଚନା କରିଛନ୍ । ସମୀକ୍ଷା ବୈଠକ୍‌ଥି ଜମ୍ମୁ କାଶ୍ମୀର୍‌ର ଭିନ୍ ଭିନ୍ ଡିଭିଜନ୍‌ର କମିଶନର୍‌ମାନେ ଯୋଗ୍ ଦେଇକରି ଲୁକ୍‌କର୍ ସୁରକ୍ଷାକେ ନେଇକରି ପ୍ରସ୍ତୁତି, ପରିବହନ୍ ବ୍ୟବସ୍ଥା, ବଙ୍କର୍ ମାନ୍‌କର୍ ଦେଖରେଖ୍, ସ୍ଥାନାନ୍ତର୍ ଶିବିର୍ ମାନ୍‌କର୍ କ୍ଷମତା ଆଉ ଚିକିତ୍ସା ସେବାକେ ବର୍‌କସ୍ କରବାର୍ ବାଗିର୍ ବିଷେଥି କେନ୍ଦ୍ରମନ୍ତ୍ରୀଙ୍କୁ ଅବଗତ କରେଇଛନ୍ ।

ଜମ୍ମୁକାଶ୍ମୀର୍, ପଞ୍ଜାବ୍ ଛୁଟି               ଏନ୍‌ଏସ୍‌ଡି

ଜମ୍ମୁ କାଶ୍ମୀର୍‌ର ସାମ୍ବା ଜିଲ୍ଲା ଅନ୍ତର୍ଜାତୀୟ ସୀମାରେଖା ପାଖେ ଗଲାରାତି ଅନୁପ୍ରବେଶ୍ ଉଦ୍ୟମ୍‌କେ ବିଏସ୍‌ଏଫ୍ ଜବାନ୍ ମାନେ ବିଫଲ୍ କରିଛନ୍ । ଇ ବାବ୍‌ଦେ ବିଏସ୍‌ଏଫ୍ ତରଫୁ ସୂଚ୍‌ନା ଦିଆଯାଇଛେ । ସେଆଡ଼େ  ସୀମ୍‌ନା ଇଲାକା ନ ପାକିସ୍ତାନ୍ ସେନା ବାର୍ ବାର୍ ଅସ୍ତ୍ରବିରତି ଉଲ୍ଲଂଘନ୍ ଆଉ ଗୁଲିଗୁଲା ମାଡ଼୍ ଥିତିକେ ନଜର୍‌ଥି ରଖିକରି

ଜମ୍ମୁ କାଶ୍ମୀର୍ ଆର୍ ପଞ୍ଜାବ୍ ସର୍କାର୍ ରାଏଜେ ସବୁ ସର୍କାରୀ ଆଉ ବେସର୍କାରୀ ଶିକ୍ଷାନୁଷ୍ଠାନ୍‌କେ ଆଏବା ୩ ଦିନ୍‌ତକ୍ ଛୁଟି ଘୋଷ୍‌ନା କରିଛନ୍ ।

ବିମାନ୍ ବାତିଲ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭାରତ୍- ପାକିସ୍ତାନ୍ ଭିତ୍‌ରେ ଦେଖାଦେଇଥିବା ଅସ୍ଥିରତାକେ ନେଇକରି ଦେଶର୍ ଉତର୍ ପଶ୍ଚିମ ଆର୍ ମଝ୍‌ଭାଗର୍ ୨୭ ଟା ବିମାନ୍ ବନ୍ଦର୍‌କେ ଆଏବା କାଏଲ୍‌ତକ୍ ବନ୍ଦ୍ ଘୋଷ୍‌ନା କରାଯାଇଛେ । ଇଥିର୍‌ଲାଗି ଗୁରୁବାର୍ ଭାରତୀୟ ବିମାନ୍ କମ୍ପାନୀମାନ୍‌କର୍ ୪ ଶହ ୩୦ ଟା ବିମାନ୍ ସେବା ବାତିଲ୍ ହେଇଛେ । ଇହାଦେର୍ ଥିତିଥି ସମ୍ବେଦନ୍‌ଶୀଲ୍ ଜୋନ୍ ମାନ୍‌କେ ଉଡ଼ାନ୍ ନାଇଁ କର୍‌ବାର୍ ଲାଗି ଏୟାର୍ ଲାଇନ୍ସମାନେ ଗତିପଥ ବଦ୍‌ଲେଇ ଦଉଛନ୍ ନାହେଲେ ବିମାନ୍ ସେବା ବାତିଲ୍ କରିଦେଉଛନ୍ ବଲି ଜନାପଡ଼ିଛେ ।

ୱାକଫ୍ ଆଇନ୍ ଆଲୋଚନାଚକ୍ର - ମୁଖ୍ୟମନ୍ତ୍ରୀ/ଆର୍‌ଏନ୍‌ୟୁ ସମ୍ବଲପୁର

ନୂଆଁ ୱାକଫ୍ ଆଇନ୍ ଗରିବ୍ ଅସହାୟ ସଂଖ୍ୟାଲଘୁ ମାନ୍‌କର୍ ସୁରକ୍ଷା ଲାଗି ଅନାଯାଇଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ ।

ଭୁବ୍‌ନେଶ୍ୱର୍ ଲୋକ୍‌ସେଭା ଭବନ୍‌ଠନେ ଗଲାକାଏଲ୍ ୱାକଫ୍ ସଂଶୋଧନ୍ ଆଇନ୍-୨୦୨୫ ବାବଦ୍ ଆଲୋଚନାଚକ୍ରଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ସଭେ ମିଶିକରି ସମୃଦ୍ଧ ଓଡ଼ିଶା ଗଠନ୍ କର୍‌ମା ବଲି ଆହ୍ୱାନ୍ ଦେଇଛନ୍ । ଆଲୋଚନାଚକ୍ରଥି ମୁଖ୍ୟମନ୍ତ୍ରୀ ୧୦ ଟା ଜିଲ୍ଲାର୍ ଭିନ୍ ଭିନ୍ ସମ୍ପ୍ରଦାୟର୍ ୨ ଶହ ୫୦ ନୁ ଅଏତ୍‌କା ପ୍ରତିନିଧିଙ୍କୁ ଭେଟିକରି ନୂଆଁ ୱାକଫ୍ ଆଇନ୍ ବାବ୍‌ଦେ ଆଲୋଚନା କରିଛନ୍ ।

ରାଷ୍ଟ୍ରୀୟ କୃଷି ସମ୍ମିଳନୀ I&PR

କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ୍ ସିଂ ଚୌହାନ୍‌ଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ନୂଆଦିଲ୍ଲୀ ଠାନେ ହେଇଥିବା ରାଷ୍ଟ୍ରୀୟ କୃଷି ସମ୍ମିଳନୀର୍ ଖରିଫ୍ ଅଭିଯାନ୍ -୨୦୨୫ ସମାରୋହଥି ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଯୋଗ୍ ଦେଇକରି ଓଡ଼ିଶାର୍ ଭିନ୍ ଭିନ୍ ଦାବିକେ କେନ୍ଦ୍ର ସର୍‌କାର୍‌ଙ୍କର୍ ଆଘେ ଉପସ୍ଥାପନ୍ କରିଛନ୍ । ଇ ଅବ୍‌ସରେ ଶ୍ରୀ ସିଂହଦେଓ ଜାତୀୟ ଉଦ୍ୟାନ୍ କୃଷି ମିଶନ୍ ଅଧୀନ୍‌ଥି ଫାର୍ମ ଗେଟ୍ ପେକ୍ ହାଉସ୍ ୟୁନିଟ୍ ପିଛା ଖର୍ଚ୍ଚା କମ୍ କର୍‌ବାର୍‌କେ ଧାନ୍ ଚାଷ୍ ପରେ ଜମିଥି ଦାଏଲ୍ ଚାଷ୍ ବଢ଼ାବାର୍‌କେ, ତେଲ୍ ଜାତୀୟ ଫସଲ୍ ଉପରେ ହେକ୍ଟର୍ ପିଛା ୨୦ ହଜାର୍ ଟଙ୍କାର୍ ସବ୍‌ସିଡ଼ି ଦେବାର୍‌କେ, ୨୨ ହଜାର୍ ହେକ୍ଟର୍

ଜମିଥି ପ୍ରାକୃତିକ୍ ଚାଷ୍ କର୍‌ବାର୍‌କେ ଆଉ ପିଏମ୍ କିଷାନ୍ ଆଉ ସିଏମ୍ କିଷାନ୍ ମିଶେଇ ଦେବାର୍ ଦାବି ଉପସ୍ଥାପନ୍ କରିଛନ୍ ।

ମୁଖ୍ୟ ଶାସନ୍ ସଚିବ-ମକ୍‌ଡ୍ରିଲ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଚାଲିଥିବା ମକ୍‌ଡ୍ରିଲ୍‌ର ପ୍ରସ୍ତୁତି ବାବ୍‌ଦେ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜାଙ୍କର୍ ଅଧ୍ୟକ୍ଷତାଥି ଗୁଟେ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଭିନ୍ ଭିନ୍ ଜିଲ୍ଲାର୍ ସିଭିଲ୍ ଡିଫେନ୍ସ ସ୍ୱେଚ୍ଛାସେବୀଙ୍କର୍ ଥିତି ସେମାନ୍‌କର୍ ସଂଖ୍ୟା ବଢ଼ାବାର୍ ଆଉ ସଂଗଠନ୍‌କେ ବର୍‌କସ୍ କରବାର୍ ସହେତେ ସେମାନେ ଦଉଥିବା ସେବା ବାବଦ୍ ତାଲିମ୍ ଉପ୍‌ରେ ଆଲୋଚନା କରିଥିଲେ ।

ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର୍ I&PR

ଆଏବା ୧୩ ତାରିଖ୍ ମଙ୍ଗଲବାର୍ ଦିନ ହେବାର୍‌କେ ଥିବା ଜିଲ୍ଲାସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର୍ ଲାଗି ଆଏଜ୍ ଦିନର୍ ୧୧ ବଜେନୁ ପଞ୍ଜିକରଣ୍ ପ୍ରକ୍ରିୟା ମୁଲ୍ ହେବା । ଶିବିର୍‌ଥି ଆବେଦନ୍ କର୍‌ବାର୍ ଲାଗି ଲୁକେ janasunani.odisha.gov.in ଥି ନିଜର୍ ନାଁ ପଞ୍ଜିକରଣ୍

କରିପାର୍‌ବେ । ଇତାର୍‌ସହେତେ ପଞ୍ଜିକରଣ୍ ନାଇଁ କରିପାରିଥିଲେ ଭିଲ୍ ଲୁକେ ସିଧାସଲଖ୍ ଶିବିର୍‌କେ ଯାଇକରି ଅଭିଯୋଗ୍ ପତ୍ର ଦାଖଲ୍ କରିପାର୍‌ବେ ବଲି ସାଧାରଣ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ରାଜ୍ୟସ୍ତରୀୟ ଦକ୍ଷତା ବିକାଶ୍ କର୍ମଶାଳା ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ମହିଳା ଆଉ ଶିଶୁ ବିକାଶ୍ ବିଭାଗ୍‌ର କାର୍ଯ୍ୟକ୍ରମ୍ ମାନ୍‌କର୍ କାର୍ଯ୍ୟକାରିତାକେ ନେଇକରି ଗଲାକାଏଲ୍ ଭୁବ୍‌ନେଶ୍ୱର୍ ରାଜ୍ୟ ମହିଳା ଆଉ ଶିଶୁବିକାଶ୍ ପ୍ରତିଷ୍ଠାନ୍ ଠାନେ ରାଜ୍ୟସ୍ତରୀୟ ଦକ୍ଷତା ବିକାଶ୍ କର୍ମଶାଳା ହେଇଯାଇଛେ । ସର୍‌କାରୀ ବ୍ୟବସ୍ଥା ଆଉ ପ୍ରୋଟୋକଲ୍ ସହେତେ ଠିକ୍ ଭାବେ କାମ୍ କର୍‌ବାର୍ ଲାଗି କର୍ମଶାଳାଥି ତାଲିମ୍ ଦିଆଯାଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୨୪ ଘଂଟା ଭିତ୍‌ରେ ବୌଦ୍ଧ, ନୂଆପଡ଼ା, କଲାହାଣ୍ଡି, ବଲାଙ୍ଗିର୍ ଆର୍ ସୁନ୍ଦର୍‌ଗଡ୍ ସହେତେ ରାଜ୍ୟର୍ ୧୬ ଜିଲ୍ଲା ନ ଘଡ୍‌ଘଡ଼ି ଧୁକାଗର୍ଡ଼ି ଆର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍

କେନ୍ଦ୍ର ଅନୁମାନ୍ କରିଛେ । ସେନ୍ତା ସମୁଦ୍ରଖଁଡ଼ି ଜିଲ୍ଲାମାନ୍‌କେ ଗରମ୍ ଆର୍ ଗୁଲ୍‌ଗୁଲି ବଢ଼୍‌ବା ବଲି ପାଣିପାଗ କେନ୍ଦ୍ର ସତର୍କ କରିଛେ । ଗଲାକାଏଲ୍‌ଠାନୁ ରାଜ୍ୟର୍ କେତେ ଇଲାକା ନ କାଲ୍‌ବୈଶାଖୀର୍ ପ୍ରଭାବ୍ କମ୍‌ବାର୍ ସହେତେ ଖରା ବଢ଼୍‌ବାର୍‌କେ ଲାଗିଛେ ।